## ମୁଖ୍ୟ ଅଭିଯୁକ୍ତ ଫେରାର୍, ୩ ଗିରଫ

# ୨୧ ହଜାର ଲିଟର ପିଡିଏସ୍ କିରାସିନି ଜବତ









**ଭୁବନେଶ୍ୱର,୧୫।୯/ଏନ୍ଏନ୍ଏସ୍:** କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) କଟକ ଜିଲ୍ଲା ଗୁରୁଡ଼ିଝାଟିଆ ଅଞ୍ଚଳରେ ଚଢ଼ଉ କରି ବିପୁଳ ପରିମାଣରେ ପିଡିଏସ୍ କିରାସିନି ଜବତ କରିଛି। ଗୁରୁଡ଼ିଝାଟିଆ ଅଞ୍ଚଳରେ ରହୁଥିବା କ୍ଷୀରୋଦ ଚନ୍ଦ୍ର ପାତ୍ର ନାମକ ଜଣେ ବ୍ୟକ୍ତିଙ୍କ ବାସଭବନ ପରିସରରୁ ୨୧ହଜାର ଲିଟର ପିଡିଏସ୍ କିରାସିନି ଜବତ ହୋଇଛି। ଏହି ଘଟଣାରେ ଏସ୍‌ଟିଏଫ୍ ୩ ଜଣଙ୍କୁ ଗିରଫ କରିଥିବାବେଳେ ମୁଖ୍ୟ ଅଭିଯୁକ୍ତ କ୍ଷୀରୋଦ ଫେରାର୍ ହୋଇଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଗୁରୁଡ଼ିଝାଟିଆ ଅଞ୍ଚଳର ଗୋକୁଳାନନ୍ଦ ପାଲ, ଗଞ୍ଜାମ ଜିଲ୍ଲାର ରାଧାଶ୍ୟାମ ବାରିକ ଏବଂ ଜିତେନ୍ଦ୍ର ରାଉତ। ଏନେଇ ଗୁରୁଡ଼ିଝାଟିଆ ପୁଲିସ କେସ୍ ନଂ ୧୧୧/୨୦ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି।

ଏସ୍‌ଟିଏଫ୍ ସୂଚନା ଅନୁଯାୟୀ, କ୍ଷୀରୋଦ ଚନ୍ଦ୍ର ପାତ୍ର ବେଆଇନ୍ ଭାବେ ତାଙ୍କ ବାସଭବନ ପରିସରରେ ବିପୁଳ ପରିମାଣର ପିଡିଏସ୍ କିରାସିନି ରଖିଥିବା ଏସ୍‌ଟିଏଫ୍ ଜାଣିବାକୁ ପାଇଥିଲା। ଏନେଇ ମଙ୍ଗଳବାର ଗୁରୁଡ଼ିଝାଟିଆ ପୁଲିସ ସହାୟତାରେ ଏସ୍‌ଟିଏଫ୍ ତାଙ୍କ ଘରେ ଚଢ଼ଉ କରିଥିଲା। ପୁଲିସକୁ ଦେଖି କ୍ଷୀରୋଦ ସେଠାରୁ ଫେରାର ହୋଇଯାଇଥିବା ବେଳେ ତାଙ୍କର ୩ ଜଣ ସହଯୋଗୀ ଏସ୍‌ଟିଏଫ୍ ହାତରେ ଧରାପଡ଼ିଯାଇଥିଲେ। ଏହାପରେ ଏସ୍‌ଟିଏଫ୍ ସେଠାରୁ ବିପୁଳ ପରିମାଣର କିରାସିନି ସମେତ ୨ଟି ଟ୍ୟାଙ୍କର, ଗୋଟିଏ ଇଲେକ୍ଟ୍ରି ମୋଟର, ୫ଟି ଡ୍ରମ୍, ପ୍ଲାଷ୍ଟିକ୍ ପାଇପ୍, ରସାୟନିକ ସାମଗ୍ରୀ ଏବଂ ନଗଦ ୧୮ହଜାର ୬୦୦ଟଙ୍କା ଜବତ କରିଥିଲା। ପରେ ଏସ୍‌ଟିଏଫ୍ ଟିମ୍ ଅଭିଯୁକ୍ତମାନଙ୍କୁ ଗୁରୁଡ଼ିଝାଟିଆ ଥାନାକୁ ନେଇଥିଲେ। ସେଠାରେ ସେମାନଙ୍କୁ ପଚରାଉଚରା କରିବାରୁ କିରାସିନି କଳାବଜାରି କରୁଥିବା ସ୍ୱୀକାର କରିଥିଲେ। ଏହାପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ମୁଖ୍ୟ ଅଭିଯୁକ୍ତ କ୍ଷୀରୋଦ ଫେରାର ହୋଇଯାଇଛି। ତାକୁ ଧରିବା ପାଇଁ ପୁଲିସ ଉଦ୍ୟମ ଚଳାଇବା ସହ ଘଟଣାର ତଦନ୍ତ ଜାରି ରଖିଛି।

ନିତିଦିନ NITIDIN Wed, Sep 16, 2020
http://odishanewsnitidin.com